

ଉଭୟ ବିଜେପି ଓ କଂଗ୍ରେସ ଏବେ ଆଜାଦି ଗୀତ ମାଧ୍ୟମରେ ପରସ୍ପରଙ୍କୁ ଆକ୍ରମଣ କରୁଛନ୍ତି। ଏହି ଯୁଦ୍ଧର ଜଣେ ହିଁ ବିଜେତା- କହ୍ନେୟା କୁମାର।

**-ଧ୍ରୁବ ରଥୀ, ସାମ୍ବାଦିକ**

ତ୍ରିମତ | ପ୍ରଚାର ପଲିଟିକ୍ସ

# ରାଜନୈତିକ ହୋର୍ଡିଂ ଲଗାଇବା ନିୟମ କଡ଼ା ହେବା କଥା କି ?

**ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ଜାତୀୟ ସ୍ତରର ନେତାଙ୍କର ଘନ ଘନ ଓଡ଼ିଶା ଗସ୍ତ। ତା'ରି ଭିତରେ ଓଡ଼ିଶାର ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନମୁହାଁ ହେଲେଣି। ପ୍ରତିଦିନ ଆମ ମହାନଗର ତଥା ଛୋଟବଡ଼ ସହରଗୁଡ଼ିକରେ ରାଲି ଏବଂ ରାଜନୈତିକ ସଭାସମିତି ହେଉଛି। ଶହ ଶହ ହୋର୍ଡିଂ, ପ୍ରଚାରପତ୍ର ଏବଂ ଦଳୀୟ ପତାକାରେ ଭରିଯାଉଛି ସହର ବଜାର। ମହାନଗର ନିଗମଗୁଡ଼ିକର ନିର୍ଦ୍ଧାରିତ ନୋ-ହୋର୍ଡିଂ ଜୋନ୍ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ପ୍ରତିଯୋଗିତାମୂଳକ ରାଜନୀତିରେ ଏହା ବଢ଼ିବାରେ ଲାଗିଛି। ସ୍ଥାନୀୟ ପ୍ରଶାସନର ଏନେଇ ରହିଥିବା କଟକଣାକୁ ବେଖାତିର୍ କରି ରାଜନୈତିକ ଦଳଗୁଡ଼ିକ ଏହି କାମ କରିଚାଲିଛନ୍ତି। ଏମାନଙ୍କ ଉପରେ ଅଙ୍କୁଶ ଲଗାଇବାକୁ ମହାନଗର ନିଗମ ତଥା ପୌର ପ୍ରଶାସନ ଆଗଭର ନହେବାରୁ ଏହାର ଫଳ ଭୋଗୁଛନ୍ତି ସାଧାରଣ ଜନତା। ପ୍ରଚାରସର୍ବସ୍ୱ ଆଜିର ରାଜନୀତିରେ ଏନେଇ ଆହୁରି କଡ଼ା ଆଇନର ଆବଶ୍ୟକତା ରହିଛି କି ?**

## ରଣଂ କୃତ୍ୱା ଘୃତଂ ପିବେତ୍



**ଶିବାଶିଷ ମହାପାତ୍ର**
**ଆଇନଜୀବୀ**

ମୁଁ ଏଠାରେ ରାଜଧାନୀ ଭୁବନେଶ୍ୱରର କଥା କହିବି। ଏହି ସହରରେ ବିଭିନ୍ନ ନୋ-ହୋର୍ଡିଂ ଜୋନ୍‌ରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ଭଳିକି ଭଳି ହୋର୍ଡିଂ ଆମେ ସବୁବେଳେ ଦେଖିବାକୁ ପାଉ। ଏସମ୍ପର୍କରେ ଆଲୋଚନା କଲାବେଳେ ଗୋଟିଏ କଥା କହିବାକୁ ଚାହେଁ ଯେ, ଅଧିକାଂଶ ଲୋକ ବିମାନବନ୍ଦରଠାରୁ ସହରର ପ୍ରମୁଖ ରାସ୍ତାଗୁଡ଼ିକ ନୋ-ହୋର୍ଡିଂ ଜୋନ୍ ବୋଲି ଜାଣିନଥିବେ। ତେବେ ଏହି ରାସ୍ତାଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ ଧାଡ଼ିକି ଧାଡ଼ି ରାଜନୈତିକ-ବିଜ୍ଞାପନ। ପ୍ରତି ହୋର୍ଡିଂରେ ନେତାମାନଙ୍କର ହସ ହସ ମୁହଁ ଓ ସେମାନେ ରାଜ୍ୟ ବା ଦେଶ ପାଇଁ କ'ଣ ସବୁ କରିଛନ୍ତି ତା'ର ବିଜ୍ଞାପନ ଓ ପ୍ରଚାର। ସମସ୍ତଙ୍କର ଗୋଟିଏ ପ୍ରଚାର, ତାହା ହେଲା, ସମସ୍ତେ ଗରିବ ଖଟିଖିଆଙ୍କ ଲାଗି ଅନେକ କିଛି କରିଦେଇଛନ୍ତି। ଅନ୍ୟପଟେ ଦେଖିଲେ ରାଜ୍ୟର ଋଣଭାର ୧ ଲକ୍ଷ କୋଟି ତ ଦେଶର ୮୨ ଲକ୍ଷ କୋଟି ଟଙ୍କା। ଏତେ ଟଙ୍କାର ଋଣ ବୋଝ ପରେ ବି ଏହି ରାଜନୈତିକ ଦଳଗୁଡ଼ିକ କେମିତି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ଦେଇ ନିଜ ନିଜ ଢୋଲ ବାଡ଼ାଉଛନ୍ତି, ତାହା ଚିନ୍ତା ଓ ଆଲୋଚନାର ବିଷୟ ହେବା କଥା। ଏଥିରେ ପୁଣି ଆମ ମହାନଗର ନିଗମର ଅଜବ ନିୟମ। ହୋର୍ଡିଂ ଫି' ଦେଇ ଯାହା ବି ହୋର୍ଡିଂ ଲଗାଇଦେଲେ ଏଠାରେ ଚଳିବ। ମୋତେ ମହାନଗର ନିଗମର ଏହି ନିୟମ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ। ମୋବାଇଲ୍ ଫୋନ୍‌ରେ ଗପି ଗପି ଗାଡ଼ି ଚଳାଇଲେ ବିପଦ, ତେବେ ଏସବୁ ନେତାଙ୍କ ହସ ହସ ହୋର୍ଡିଂ ଦେଖି ଗାଡ଼ି ଚଳାଇଲେ କ'ଣ ବିପଦ ଟଳିଯାଏ ? ଏବେ ପୁଣି ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ଆମ ଦେଶର ରାଜନୈତିକ ଦଳଗୁଡ଼ିକର ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ କଥା ଏବେ ହିଁ ମନେପଡ଼ିବ। ନେତାମାନେ ଦିନରାତି ଏକ୍ କରି କାଶ୍ମୀରରୁ କନ୍ୟାକୁମାରୀ ବୁଲିବେ। ରାସ୍ତାଗୁଡ଼ିକ ଆହୁରି ହୋର୍ଡିଂମୟ ହୋଇଯିବ। ଏଠାରେ କହିବାର କଥା ହେଲା, ଦେଶର ସାଧାରଣଜନତା ଆଉ ବୋକା ହୋଇ ନାହାନ୍ତି। ସେମାନେ ବେଶ୍ ଜାଣିଲେଣି। ହୋର୍ଡିଂରେ ପ୍ରଚାର ପ୍ରସାର ନୁହେଁ, କିଏ ସେମାନଙ୍କ ଲାଗି କ'ଣ କରିଛନ୍ତି, ତାହା ଲୋକଙ୍କୁ ଅନୁଭବ କରିବାକୁ ଦିଆଯାଉ। ଦେଶ ଋଣଭାରରେ ବୁଡ଼ିଲା ବେଳେ ଲୋକଙ୍କ ଅର୍ଥ କିମ୍ବା ଚାନ୍ଦା ବରବାଦ୍ କରିବାର ମାନେ ହିଁ କିଛି ନାହିଁ। ସେହି ଅର୍ଥ ଦେଶ ବିକାଶ କାମରେ ଲାଗୁ।

## ସ୍ୱତନ୍ତ୍ର ଆଇନ ଆସିବା ଦରକାର



**ବିଶ୍ୱଜିତ୍ ପଟ୍ଟନାୟକ**
**ସାଧାରଣ ସମ୍ପାଦକ, ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ**

ସହରର କେଉଁ ଜାଗାରେ ହୋର୍ଡିଂ ଲାଗିପାରିବ, କେଉଁଠି ଲାଗିପାରିବ ନାହିଁ, ସେନେଇ ନିର୍ଦ୍ଦିଷ୍ଟ ନୀତି ନିୟମ ଅଛି। ସେ ଛୋଟ ସହର ହେଉ କି ବଡ଼ ସହର, ସ୍ଥାନୀୟ ପ୍ରଶାସନ, ମ୍ୟୁନିସିପାଲିଟି କିମ୍ବା ମହାନଗର ନିଗମରୁ ଏଥିପାଇଁ ଅନୁମତି ଲୋଡ଼ାହୁଏ। ତେବେ ଏହାକୁ ଆମ ରାଜନୈତିକ ଦଳଗୁଡ଼ିକ ନଜରଅନ୍ଦାଜ୍ କରିଆସୁଛନ୍ତି। ଏହା ରାଜ୍ୟର ପ୍ରାୟ ସମସ୍ତ ଛୋଟବଡ଼ ସହରରେ ଆପଣ ଦେଖିପାରିବେ। ରାଜଧାନୀ ଭୁବନେଶ୍ୱରରେ ତ ଏଥିପାଇଁ ଯେମିତି କୌଣସି ଅଙ୍କୁଶ ହିଁ ନାହିଁ। ଯିଏ ଯେଉଁଠି ପାରିଲେ, ହୋର୍ଡିଂ ବା ପୋଷ୍ଟର୍ ମାରିଦେଲେ। ଏହା ଏଠାରେ ନିତିଦିନିଆ କଥାରେ ପରିଣତ ହୋଇଛି। ଭୁବନେଶ୍ୱର ମହାନଗର ନିଗମ ସହରର କେତେକ ଜାଗାକୁ ନୋ-ହୋର୍ଡିଂ ଜୋନ୍ ଭାବେ ଚିହ୍ନଟ କରିଛି। ଅର୍ଥାତ୍ ଏସବୁ ଜାଗାରେ କେହି ହୋର୍ଡିଂ ଲଗାଇପାରିବେ ନାହିଁ। ତେବେ ଏହାକୁ ମାନୁଛି କିଏ ? ବିଶେଷକରି ରାଜନୈତିକ ଦଳଗୁଡ଼ିକ ଏସବୁ ନୀତିନିୟମ ସମ୍ପର୍କରେ ଚିନ୍ତା ବି କରୁନାହାନ୍ତି। ଗୋଟିଏ ଦଳ ତା' ନେତାଙ୍କ ଫଟ କିମ୍ବା ନିଜ ଦଳର ସଫଳତାର କାହାଣୀ ବର୍ଣ୍ଣନା କରି ହୋର୍ଡିଂ ଲଗାଇଲା ତ ଠିକ୍ ତା' ନିକଟରେ ପ୍ରତିପକ୍ଷ ଦଳ ହୋର୍ଡିଂ ଲଗାଇଦେଉଛନ୍ତି। ଆଗକୁ ନିର୍ବାଚନ ଥିବାରୁ ଏହି ପ୍ରତିଯୋଗିତା ବେଶ୍ ବଢ଼ିଯାଇଛି। ନିଜ ନିଜ ଭିତରେ ଲଢ଼େଇ ଜୋର୍ କରିବାକୁ ଏମାନେ ଆକ୍ରାମଣାତ୍ମକ ଭଙ୍ଗୀରେ ପ୍ରଚାର ପ୍ରସାରରେ ଲାଗିଛନ୍ତି। ହେଲେ ଏହା ଯେ ବେଆଇନ, ତାକୁ ସେମାନେ ଭୁଲିଯାଉଛନ୍ତି। ଏହାଦ୍ୱାରା ଦୁର୍ଘଟଣା ବି ବଢୁଛି। କେବେ କେବେ ସାହିବସ୍ତିରେ ଦୁଇ ପ୍ରତିପକ୍ଷ ଦଳ ସାମ୍ନାସାମ୍ନି ହୋଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହାର ସମାଧାନ ଲାଗି ଗୋଟିଏ ବାଟ ହେଉଛି, ଏନେଇ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର କାନୁନ ତିଆରି ହେଉ। ତା'ସହିତ ଯେଉଁମାନେ ନୋ-ହୋର୍ଡିଂ ଜୋନ୍ ବା ନିଷିଦ୍ଧାଞ୍ଚଳରେ ହୋର୍ଡିଂ ଲଗାଉଛନ୍ତି, ସେସବୁ ଜାତୀୟ ତଥା ଆଞ୍ଚଳିକ ଦଳଙ୍କର ପଞ୍ଜିକରଣ ରଦ୍ଦ ହେଉ। ଏଭଳି କଲେ ସମ୍ପୃକ୍ତ ଦଳ ବିରୋଧରେ ଅପରାଧିକ ମାମଲା ବି ରୁଜୁ କରାଯାଉ ଏବଂ ଜୋରିମାନା ଆଦାୟ ହେଉ। ଏଭଳି ଆଇନ ତିଆରି କରି ତାକୁ କାର୍ଯ୍ୟକାରୀ କରାଗଲେ ସବୁ ରାଜନୈତିକ ଦଳଙ୍କର ଚେତା ପଶିବ। ନଚେତ୍ ସାଧାରଣଜନତାଙ୍କ ଜୀବନ ବାଜିରେ ଲାଗିଥିବ।

## ଆଗକୁ ପୁଲିସର ସହାୟତା ନେବୁ



**ଶ୍ରୀମନ୍ତ ମିଶ୍ର**
**ଡେପୁଟି କମିଶନର, ଭୁବନେଶ୍ୱର ମହାନଗର ନିଗମ**

ବିଭିନ୍ନ ରାଜନୈତିକ ଦଳ ତଥା ଅନ୍ୟ ସଙ୍ଗଠନଗୁଡ଼ିକ ଭୁବନେଶ୍ୱର ମହାନଗର ନିଗମର କେତେକ ଅଞ୍ଚଳରେ ବେଆଇନ ଭାବେ ହୋର୍ଡିଂ ଲଗାଉଛନ୍ତି, ବିଭିନ୍ନ ସମୟରେ ଏହା ମହାନଗର ନିଗମର ନଜରକୁ ଆସିଲେ ସେନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭୁବନେଶ୍ୱର ହେଉଛି ରାଜ୍ୟର ରାଜଧାନୀ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସଙ୍ଗଠନଗୁଡ଼ିକ ସେମାନଙ୍କ ଅସନ୍ତୋଷ ଜାହିର୍ କରିବାକୁ କିମ୍ବା ଧାରଣା ଅଥବା ଆନ୍ଦୋଳନ ଲାଗି ଏଠାକୁ ଆସିଥା'ନ୍ତି। ଧାରଣା, ଶୋଭାଯାତ୍ରା କିମ୍ବା ବିକ୍ଷୋଭ କଲା ବେଳେ ବା ତା ପୂର୍ବରୁ ଏମାନେ ସହରର ବିଭିନ୍ନ ଜାଗାରେ ସେମାନଙ୍କ ହୋର୍ଡିଂ ଲଗାଇଥା'ନ୍ତି। ବିଶେଷକରି ଆନ୍ଦୋଳନସ୍ଥଳରେ ସେମାନଙ୍କ ପତାକା, ବ୍ୟାନର୍, ପୋଷ୍ଟର୍ ଲାଗେ। ଯେଉଁ ଅଞ୍ଚଳରେ ଏସବୁ ଲାଗିବା କଥା ନୁହେଁ, ସେସବୁ ଅଞ୍ଚଳରେ ଲାଗିଥିଲେ ବି.ଏମ୍.ସି.ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ସେସବୁ କାଢ଼ିଦେଇଥା'ନ୍ତି। ଏନେଇ ବି.ଏମ୍.ସି.ର ସ୍ୱତନ୍ତ୍ର ଗାଇଡଲାଇନ୍ ଓ ନିୟମକାନୁନ ରହିଛି। ସେହି ନିୟମକାନୁନ ମୁତାବକ ମହାନଗର ନିଗମ କାର୍ଯ୍ୟ କରିଆସୁଛି। ରାଜନୈତିକ ଦଳଗୁଡ଼ିକ ନୋ-ହୋର୍ଡିଂ ଜୋନ୍‌ରେ ମଧ୍ୟ ସେମାନଙ୍କ ବିଜ୍ଞାପନ ଲଗାଇବା ପ୍ରସଙ୍ଗରେ ମୁଁ କହିବି ଯେ, ଏହି ଅଭିଯୋଗ ଅନେକ ଦିନରୁ ହୋଇଆସୁଛି। ତାକୁ ଦୃଷ୍ଟିରେ ରଖି ଆମେ ବିଭିନ୍ନ ସମୟରେ ପଦକ୍ଷେପ ମାନ ନେଇଛୁ। ୪-୫ ମାସ ତଳେ ଏନେଇ ଆମେ ସବୁ ରାଜନୈତିକ ଦଳର ନେତାମାନଙ୍କୁ ଡାକି ଏସମ୍ପର୍କରେ ଅବଗତ ବି କରିଥିଲୁ। ହୋର୍ଡିଂ ତଥା ପ୍ରଚାରମୂଳକ ବିଜ୍ଞାପନ ଲଗାଇବା ନେଇ ବି.ଏମ୍.ସି.ର ନିୟମ ସମ୍ପର୍କରେ ସେମାନଙ୍କ ସହ ଆଲୋଚନା ବି କରିଥିଲୁ। ତେବେ ଦୁଃଖର କଥା ହେଲା, ଏହାକୁ କେହି ମାନୁନାହାନ୍ତି। ଯାହା ଫଳରେ ଗଣମାଧ୍ୟମଠାରୁ ଆରମ୍ଭ କରି ସାଧାରଣଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ଧାରା ଚାଲୁରହିଲେ ଭୁବନେଶ୍ୱର ମହାନଗର ନିଗମ ପୁଲିସ୍‌ର ସହାୟତା ନେବ। ସହରର ଜନସାଧାରଣଙ୍କ ସୁବିଧା ଲାଗି ତଥା ସୌନ୍ଦର୍ଯ୍ୟ ପାଇଁ ନୋ-ହୋର୍ଡିଂ ଜୋନ୍ ମାନ ରହିଛି। ଏହାକୁ ପାଳନ କରିବା କେବଳ ଜନସାଧାରଣ ନୁହେଁ, ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନମାନଙ୍କର ମଧ୍ୟ କର୍ତ୍ତବ୍ୟ।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ platform@nitidin.com ଜରିଆରେ ନିଜର ମତାମତ ଦେଇପାରିବେ।**

**ପ୍ରସ୍ତୁତି ଓ ଉପସ୍ଥାପନା: ଭାରତ ମାଝୀ**

## ଟ୍ୱିଟ୍ @nitidintoday



ବେକାର ତଥ୍ୟ ? ଗାୟବ୍। ଜାତିଗତ ତଥ୍ୟ ? ଗାଏବ୍। ଚାଷୀ ଆତ୍ମହତ୍ୟା ତଥ୍ୟ ? ଗାୟବ୍। ଏ ସରକାର ଅମଳରେ ତଥ୍ୟ ହିଁ ସଙ୍କଟରେ।

**-ଅଖିଲେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



ରାଫେଲ ଡିଲ୍‌ର ଡାଲୁ ଅଂଶକୁ ଆହୁରି ଶାଣିତ କରିଦେଇଛି ବିଜେପି। ଏହା ପରିଷ୍କାର ଭାବେ ସାମ୍ନାକୁ ଆସିବା ଦରକାର।

**-ଏଚ୍.ଏସ୍. ପନାଗ୍, ପ୍ରାକ୍ତନ ଲାଫଟନେଣ୍ଟ ଜେନେରାଲ୍**



ମୋଦୀ କହୁଛନ୍ତି ନୋଟବନ୍ଦୀ ପରେ ଆୟକରଦାତାଙ୍କ ସଂଖ୍ୟା ୫୬ ଲକ୍ଷ ବଢ଼ିଛି। ଅର୍ଥମନ୍ତ୍ରୀ କହୁଛନ୍ତି ୯୧ ଲକ୍ଷ ଆଉ ସଂସଦରେ ସରକାର କହିଛନ୍ତି ୩୩ ଲକ୍ଷ। କେଉଁଟା ଠିକ୍ ?

**-ଜୈନାବ ସିକନ୍ଦର, ରାଜନୈତିକ ସମୀକ୍ଷକ**



ପଶ୍ଚିମବଙ୍ଗରୁ ରବର୍ଟ ଭଦ୍ରା- ବିଜେପିର ପଦକ୍ଷେପ ନେବା ସମୟ ଭୁଲ୍। ଏହା ବୁମେରାଂ ହୋଇପାରେ।

**-ବର୍ଖା ଦତ୍ତ, ସାମ୍ବାଦିକ**



'ଆମ ଗାଁ ଆମ ବିକାଶ'ର ଟଙ୍କା ପିସିରେ ଯାଉଛି। ଗାଁଲୋକ ଚାନ୍ଦାଭେଦା କରି ରାସ୍ତା ତିଆରି କରୁଛନ୍ତି।

**-ଅଶୋକ କୁମାର ତ୍ରିପାଠୀ, ବ୍ଲଗର୍**



ବୃଦ୍ଧାବସ୍ଥାରେ ବୁଦ୍ଧିମାନ ହେବା ଲାଗି ଯୁବକ ଥିବା ସମୟରେ ଓଲୁ ହେବା ଦରକାର।

**-ଅମିତାଭ ବଚ୍ଚନ, ଅଭିନେତା**

## ଖୋଲା ମଞ୍ଚ

### ମଦ ପାଇଁ ଭିକ୍ଷାବୃତ୍ତି



**-ଚିନ୍ମୟ ବିବେକ, ଲେଖକ**

କିଛି ବର୍ଷ ଆଗରୁ ସମାଜରେ ଗରିବଙ୍କ ସଂଖ୍ୟା ଅଧିକ ଥିଲା ଓ ନିପଟ ଗରିବ ଲୋକେ ଭିକ୍ଷା କରି ଚଳୁଥିଲେ। ସମୟ ବଦଳିଗଲା। ଲୋକେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହେଲେ। ସରକାରୀ, ବେସରକାରୀ ସଂସ୍ଥାରେ ଚାକିରି, ସରକାରୀ ସହାୟତା ବା ଥିଲାବାଲାଙ୍କ ଜମି ଚାଷ କରି ଏମାନେ ଆଜି ଭଲରେ ରହିଲେଣି। ତେବେ ଆର୍ଥିକ ସ୍ୱଚ୍ଛଳ ଲୋକେ ଭିକ୍ଷାବୃତ୍ତିରେ ନିୟୋଜିତ ଅଛନ୍ତି। ଏହା ସହଜ ରୋଜଗାରର ପନ୍ଥା ବି ହେଲାଣି। ରାସ୍ତା, ମନ୍ଦିର, ଟ୍ରେନ୍ ଆଦି ସର୍ବସାଧାରଣ ସ୍ଥାନରେ ଏମାନଙ୍କର ଆତଯାତ। ଅଲକ୍ଷ୍ୟରେ ଏମାନେ ଚୋରି ବି କରିବାକୁ ପଛାନ୍ତି ନାହିଁ। ଏଥିରେ ଭଲ ରୋଜଗାର ହେଉଥିବାରୁ ଏମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଏମାନେ ସୁଧ ଲଗାଇବାର ବି ମୁଁ ଜାଣିଛି। ଏଣୁ ଭିକ୍ଷୁକଙ୍କୁ ବାରଣ କରାଯାଉ। ଭୋକ ହେଲେ ଏମାନେ ସରକାରୀ ଭୋଜନ କେନ୍ଦ୍ରରେ ଖାଇବେ। ନିକଟରେ ମୁଁ ଦୋକାନରେ ସଉଦା କରୁଥିବାବେଳେ ଜଣେ ବ୍ୟକ୍ତି ୧୦ ଟଙ୍କା ମାଗିଲେ। ତାଙ୍କ ମୁହଁରୁ ମଦର ଗନ୍ଧ ଆସୁଥିଲା। ସେ କାଳେ ଖାଇବେ ବୋଲି ମୁଁ କିଛି ଖାଦ୍ୟ ଯାଚିଲି। ସେ ମୋ ଆଡ଼କୁ ଅସନ୍ତୋଷର ଚାହାଣୀ ପକାଇ ଚାଲିଗଲେ। ତାଙ୍କ ବେଶ ପୋଷାକ ଖରାପ ନଥିଲା। ଶୁଣିଲି, ତାଙ୍କ ପୁଅମାନେ ଚାକିରି କରନ୍ତି। ଏହା ହେଲା ଏବକାର ଆମ ସମାଜର ଚିତ୍ର। ଆଗରୁ ଲୋକେ ଖାଦ୍ୟ ଅଭାବରୁ ଭିକ୍ଷାବୃତ୍ତି କରୁଥିଲେ, ଏବେ ଏଭଳି କିଛି ଲୋକ ଭିକ ମାଗୁଛନ୍ତି ମଦ ପାଇଁ। ମଦ ପାଇଁ ପରିବାର ଓ ସମାଜ ନଷ୍ଟ ହୋଇଚାଲିଥିଲେ ବି ଏଥିପ୍ରତି କାହାରି ଖାତିର୍ ନାହିଁ।




**ବିଶିଷ୍ଟ ସମାଜସେବୀ ଆନ୍ନା ହଜାରେଙ୍କୁ ଢାଲ କରି ଦେଶର ବହୁ ଲୋକ ନେତା ହୋଇଗଲେ। ଏହାକୁ ନେଇ ପ୍ରସିଦ୍ଧ କାର୍ଟୁନିଷ୍ଟ ସତୀଶ ଆଚାର୍ଯ୍ୟଙ୍କର ଏହି ବ୍ୟଙ୍ଗଚିତ୍ର। (ସୌଜନ୍ୟ: ଟ୍ୱିଟର୍)**

## ମୋ ମତରେ

### ଧର୍ମନିରପେକ୍ଷତାର ଆଢୁଆଳେ



**-ଶଶିକାନ୍ତ ପରିଡ଼ା, ଶିକ୍ଷାକର୍ମୀ**

ଆମ ଦେଶରେ କୌଣସି ଧର୍ମ ନାହିଁ ଓ ଏହା କେବଳ ମାନବବାଦ ଉପରେ ଆଧାରିତ। ଏଠାରେ ମନ୍ଦିର, ମସଜିଦ, ଗୁରୁଦ୍ୱାର ଓ ଗୀର୍ଜାର ପବିତ୍ରତା ଅକ୍ଷୁଣ୍ଣ ଓ ସମସ୍ତ ଭାରତବାସୀଙ୍କ ଲାଗି ଏସବୁ ଜାଗା ପୂଜନୀୟ। ଗଣତନ୍ତ୍ର ଓ ଧର୍ମନିରପେକ୍ଷତା ବି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଧର୍ମନିରପେକ୍ଷତା ବିନା ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ଏ ଦେଶ କୌଣସି ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା କରିବ ନାହିଁ କିମ୍ବା ବିରୋଧ କରିବ ନାହିଁ। କୌଣସି ଧର୍ମକୁ ଏହା ପ୍ରୋତ୍ସାହିତ ମଧ୍ୟ କରିବ ନାହିଁ। ହେଲେ ଏବେ ଧୀରେ ଧୀରେ ଆମେ ଅନୁଭବ କରୁଛି ଯେ ଦେଶର ଧର୍ମନିରପେକ୍ଷତା ଏବେ ଅବକ୍ଷୟମୁଖୀ। ଫଳରେ ଅସନ୍ତୋଷ ଓ ଅଶାନ୍ତିର ଏକ ଶ୍ୱାସରୁଦ୍ଧ ବାତାବରଣ ଅନୁଭୂତ ହେଉଛି। ଧର୍ମ, ଜାତି, ଭାଷା ଓ ଆଞ୍ଚଳିକତା ନାଁରେ ରାଜନୈତିକ ଦଳଗୁଡ଼ିକର କିଛି କ୍ଷମତାଲିପ୍ସୁ ନେତା ଭାଇ-ଭାଇଙ୍କୁ ବାଣ୍ଟିବା ଉଦ୍ୟମ କରୁଛନ୍ତି। ଏହା ଗଣତନ୍ତ୍ରର ବିରୋଧୀ, ଦେଶ ପାଇଁ ଅହିତକର। ଦେଶର କୌଣସି ରାଜନୈତିକ ଦଳ ନିଜକୁ ସାମ୍ପ୍ରଦାୟିକ କୁହନ୍ତି ନାହିଁ, ହେଲେ ଧର୍ମନିରପେକ୍ଷ ଶବ୍ଦକୁ ନେଇ ସେମାନେ ରାଜନୀତିର ଖେଳ ଖେଳିବାକୁ ପ୍ରୟାସ କରନ୍ତି। କେହି କେହି ଏଥିରେ ସଫଳତା ବି ପାଆନ୍ତି। ଏବର ବ୍ୟବହାରିକ ରାଜନୀତିରେ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ଏକ ରାଜନୈତିକ ପ୍ରତିଯୋଗିତାର ଆଭାସ ମିଳୁଛି। ଏସବୁ ଭିତରେ କିନ୍ତୁ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଓ ଭାଷାର ସଙ୍କୀର୍ଣ୍ଣ ମାନସିକତାରୁ ଉପରକୁ ଉଠି ଏ ଦେଶର ସର୍ବାଙ୍ଗିନ ବିକାଶ ପାଇଁ ଏକ ସମତୁଲ ସମାଜର ଭିତ୍ତିଭୂମି ଗଢ଼ି ତୋଳିବାକୁ ହେବ।

## ଓପିନିଅନ୍ ପୋଲ୍

### ଆଜିର ପ୍ରଶ୍ନ ?

**ରାଜନୈତିକ ହୋର୍ଡିଂ ଲଗାଇବା ନିୟମ କଡ଼ା ହେବା କଥା କି ?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ Y ଲେଖି ଇ-ମେଲ୍ କରନ୍ତୁ।
ଯଦି ନା ତେବେ N ଲେଖି ଇ-ମେଲ୍ କରନ୍ତୁ।

(ଉତ୍ତର)

*ଗତ ଥରର ପ୍ରଶ୍ନ: ରାଜନୀତିରେ ଆକ୍ରୋଶ ଓ ଅସୂୟା ବଢ଼ିଚାଲିଛି କି ?*




**ନିତିଦିନ**
ମାର୍ଫତ: ନ୍ୟୁ ଏଜ୍ ମିଡିଆ ଆଣ୍ଡ ପବ୍ଲିକେସନ୍ସ୍ ପ୍ରାଇଭେଟ୍ ଲିମିଟେଡ୍
ସେଡ୍ ନଂ: ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର-ଏ
ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦
email: nitidinedit@gmail.com

## ସୋସିଆଲ୍ ମିଡିଆରୁ

### ଟାର୍ଗେଟରେ ମାଲ୍ୟା



୨୦୧୯ ନିର୍ବାଚନ ପାଇଁ ସବୁ ରାଜନୈତିକ ଦଳ ପାପ ଧୋଇ ଗଙ୍ଗାସ୍ନାନ କରିବା ଭଳି ଏବେ ଜନତାଙ୍କ ଉଦ୍ଦେଶ୍ୟରେ ଜବାବ ଓ ଭାଷଣ ଦେବା ଜାରି ରଖିଛନ୍ତି। ଏସବୁ ମଧ୍ୟରେ ଯଦି ନିରପେକ୍ଷ ଭାବେ ଜାଗ୍ରତ ଜନସାଧାରଣ କେଉଁ ସରକାର କ'ଣ କରିଛି ଓ କିଏ କେବଳ ବାକ୍ୟରେ ସୀମିତ ରହିଛି ବିଚାର କରେ ତେବେ ଆଗାମୀ ୫ ବର୍ଷ ପାଇଁ ସୁଶାସନ ଆଶା କରିହେବ। ସେହିପରି ପଳାତକ ବିଜୟ ମାଲ୍ୟା ଭାରତ ଫେରିବ ବୋଲି ବିଜେପି ସଫେଇ ଦେଇ ଏହାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଯଦି ଏହା ବାସ୍ତବରେ ପରିଣତ ହୁଏ ତା'ହେଲେ କେନ୍ଦ୍ର ସରକାରଙ୍କୁ ଏକ ବଡ଼ ସଫଳତା ମିଳିବ। ଅନ୍ୟପଟେ ଦେଶରୁ ବିପୁଳ ପରିମାଣରେ ଅର୍ଥ ହଡ଼ପ କରି ବିଦେଶରେ ରାଜକୀୟ ସୁଖ ଉପଭୋଗ କରୁଥିବା ମାଲ୍ୟା ବି ଶକ୍ତିଶାଳୀ ଓକିଲ ବଳରେ ନିଜକୁ ବଞ୍ଚାଇବାର ଉଦ୍ୟମ ଚଳାଇଛନ୍ତି। ଅପରାଧୀ ଯେତେ ବି ଶକ୍ତିଶାଳୀ ହେଉ ନା କାହିଁକି, ଯଦି ଆଇନର ରାସ୍ତା ଦୃଢ଼ ଅଛି, ସେ କେବେ ବି ଖସିଯାଇ ପାରିବ ନାହିଁ। ହେଲେ ସମୟ କହିବ ମାଲ୍ୟାକୁ କାଠଗଡ଼ାରେ ଛିଡ଼ା କରାଇବା ଚୌକିଦାରଙ୍କ ଭୋଟ ପାଇଁ ଭାଷଣବାଜି ନୁହେଁ ତ ?

**-ଆହୁତି ମହାନ୍ତି, ବ୍ଲଗର୍**

### ଇଚ୍ଛାଶକ୍ତି ଲୋଡ଼ା



ଦିଲ୍ଲୀର ମୋହାଲ୍ଲା କ୍ଲିନିକ୍ ଭଳି ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ଓ ଗୁନାଠାରେ ଆଗାମୀ ମାସରେ ସେଠାକାର ମୁଖ୍ୟମନ୍ତ୍ରୀ କମଳନାଥ ପରୀକ୍ଷାମୂଳକ ଭାବେ ସଞ୍ଜୀବନୀ କ୍ଲିନିକ୍‌ର ଉଦ୍‌ଘାଟନ କରିବେ। କେବଳ ମଧ୍ୟପ୍ରଦେଶର କଂଗ୍ରେସ ସରକାର ନୁହେଁ, ଆହୁରି ଅନେକ ରାଜ୍ୟ ସରକାର ମୋହଲ୍ଲା କ୍ଲିନିକ୍ ବୁଲି ଦେଖି ନିଜ ରାଜ୍ୟରେ ଖୋଲିବାର ବିଶ୍ୱାସ ରଖିଛନ୍ତି। ହେଲେ ସେମାନେ ସେଥିରେ ସଫଳ ହୋଇପାରିବେ ନାହିଁ। କାରଣ ଏହାର ସଫଳ କାର୍ଯ୍ୟାୟନ ପଛରେ ଯେଉଁ ଇଚ୍ଛାଶକ୍ତି ଲୋଡ଼ା ତାହା ଅନ୍ୟ ରାଜ୍ୟ ସରକାର ପାଖରେ ନାହିଁ। ଆପ୍ ସରକାର ଗୋଟିଏ କ୍ଲିନିକ୍ ପିଛା ହାରାହାରି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ମାତ୍ର ଅନ୍ୟ ସରକାର ୨୦ ଲକ୍ଷ ଟଙ୍କାରେ ତାହା କରିପାରିବେ ତ ? ଆପ୍ ସରକାରର ନିର୍ବାଚନୀ ଇସ୍ତାହାରରେ ମୋହାଲ୍ଲା କ୍ଲିନିକର ନାଁ ଗନ୍ଧ ନଥିଲା। ସରକାର ଗଢ଼ିବା ପରେ ଏପରି ପରିକଳ୍ପନା କରିଥିଲେ। ଯାହାକି ଏବେ ବିଦେଶରେ ପ୍ରଶଂସିତ ହେବା ସହ ସର୍ବୋତ୍କୃଷ୍ଟ ୟୁନିଭର୍ସିଆଲ ହେଲ୍‌ଥ କଭରେଜ୍‌ର ମାନ୍ୟତା ପାଇଛି।

**-ରଙ୍ଗଚରଣ ପ୍ରଧାନ, ଆପ୍‌କର୍ମୀ**

### ସବୁରି ମୂଳରେ ପ୍ରେମ



ଫେବ୍ରୁଆରୀ ୭ରୁ ୧୪କୁ ପ୍ରେମର ସପ୍ତାହ ବୋଲି କୁହାଯାଏ। ବିଶେଷକରି ଏହି ସାତଦିନ ପ୍ରେମରେ ପଡ଼ିଥିବା ଯୋଡ଼ିଙ୍କ ପାଇଁ ଉଦ୍ଦିଷ୍ଟ। ହେଲେ ଭାରତୀୟ ସଂସ୍କୃତିର ଜଗୁଆଳୀ ବୋଲାଉଥିବା କିଛି ଗୋଷ୍ଠୀ ଏହାକୁ ଆମ ସଂସ୍କୃତିର ଅଂଶ ନୁହେଁ ଦର୍ଶାଇ ବିରୋଧ କରନ୍ତି। ଅସଲରେ ଏଭଳି ଯୁକ୍ତି କେବଳ ପ୍ରେମରୁ ବଞ୍ଚିତ ଲୋକ ହିଁ କରିପାରିବେ। ଘୃଣା ଓ ହିଂସାରେ ପରିପୂର୍ଣ୍ଣ ସମାଜରେ ପ୍ରେମ ହିଁ ସଭିଙ୍କୁ ବାନ୍ଧି ରଖେ। ପ୍ରେମ କାହାରି କ୍ଷତି କରେନାହିଁ, ବରଂ ସମାଧାନର ପଥ ଦେଖାଏ। ପ୍ରେମ ଅର୍ଥର ପରିଭାଷା ବିରାଟ ଓ ବ୍ୟାପକ। କିନ୍ତୁ ଏଥିରେ ସମସ୍ୟା ସେତେବେଳେ ଆସେ, ଯେତେବେଳେ ପ୍ରେମ କେବଳ ପୁଅ-ଝିଅ ଭିତରେ ଦୈହିକ ସମ୍ପର୍କରେ ଆବଦ୍ଧ ହୋଇ ରହିଯାଏ। ଏହାସହ ପ୍ରେମ କେବଳ ଜଣେ ଅଜଣା ପୁଅ ଓ ଝିଅକୁ ଯୋଡ଼ି ରଖେ ନାହିଁ। ବାପ-ପୁଅ, ଶାଶୁ-ବୋହୂ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ, ଗୁରୁ-ଶିଷ୍ୟ, ହିନ୍ଦୁ-ମୁସଲମାନ ସଭିଙ୍କୁ ଏହି ପ୍ରେମ ଯୋଡ଼ି ରଖିବାରେ ବିଶେଷ ଭୂମିକା ଗ୍ରହଣ କରେ। ପ୍ରେମକୁ ସଙ୍କୀର୍ଣ୍ଣ କରି ଦେଖିବାର ମନୋଭାବ ରଖୁଥିବା ଲୋକ ଏହାକୁ ସହଜରେ ବୁଝିବା କଷ୍ଟକର।

**-ଅଭିତାଭ ପଟ୍ଟନାୟକ, ବ୍ଲଗର୍**

### ମା' ନାହିଁ ତ କିଛି ନାହିଁ



'ସେହି ଘର ଘର ନୁହେଁ, ଯେଉଁଠି ମା' ନଥାଏ' ଏକଥା ବଡ଼ ବଡ଼ ଲୋକ କହିଯାଇଛନ୍ତି। ଆଉ ଯେଉଁ ଘରେ ମା' ଥାଏ ସେଠାରେ ଦୁଃଖ, କ୍ଲେଶ, ଯନ୍ତ୍ରଣା, ଭୟ କଦାପି ସ୍ପର୍ଶ କରିପାରେ ନାହିଁ। ଅନ୍ୟପଟେ ଯେଉଁ ଘରେ ମା' ଥାଇ ବି ଖାଦ୍ୟ ତ ଦୂରକଥା ପାଣି ଟିକେ ବି ମିଳେନାହିଁ, ସିଏ କେବେ ମା' ହୋଇପାରିବ ନାହିଁ। କାରଣ କୌଣସି ନାରୀ କେବଳ ସନ୍ତାନ ଜନ୍ମ କରିଦେଲେ ମା' ହୋଇଯିବେ ତାହା ନୁହେଁ। ମା' ମାତ୍ର ଏକ ଶବ୍ଦ ନୁହେଁ, ବରଂ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ। ମା'ଏକ ନାମ ନୁହେଁ ବରଂ ଏକ ସାଧନା ଓ ସୌଭାଗ୍ୟ। ମା' ପାଖରେ ସନ୍ତାନଙ୍କ ପାଇଁ କୌଣସି ପକ୍ଷପାତିତାର ସ୍ଥାନ ନାହିଁ। ଆଉ ଯେଉଁ ମା' ପାଖରେ ପକ୍ଷପାତ, କପଟତା ରହିଛି ସେ ମା'ରେ ପଦବାଚ୍ୟ ନୁହେଁ। ସେମିତି ଯେଉଁ ପିତା ନିଜ ସନ୍ତାନମାନଙ୍କ ମଧ୍ୟରେ ପକ୍ଷପାତ କରେ ସେ ମଧ୍ୟ ପିତା ପଦବାଚ୍ୟ ନୁହେଁ। ଆଉ ଏପରି ପିତାମାତା ତାଙ୍କ ପ୍ରତି ସନ୍ତାନଙ୍କର କ'ଣ କର୍ତ୍ତବ୍ୟ ରହିଛି ଖୋଜିବା ପୂର୍ବରୁ ନିଜର ଦାୟିତ୍ୱକୁ ବିଶ୍ଳେଷଣ କରନ୍ତୁ। ଯାହାକି ଆମ ସମାଜର କଠୋର ସତ୍ୟ।

**-ପ୍ରଜ୍ଞା ପାରମିତା ସାହୁ, ଶିକ୍ଷୟିତ୍ରୀ**